# ସଂଶୋଧିତ ରାଜ୍ୟ ସୂଚନା ଅଧିକାର ନିୟମାବଳୀ: ବିଷଦୋଷ ରହିଗଲା

**ବିଧାୟକମାନଙ୍କୁ ଅଭିନନ୍ଦନ**

ମେ ୩୦ ତାରିଖ ଓଡିଶା ଗେଜେଟ୍‌ରେ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସଂପର୍କ ବିଭାଗ ଏକ ବିଜ୍ଞପ୍ତି ଜାରିକରି ଓଡିଶା ସୂଚନା ଅଧିକାର ନିୟମାବଳୀ -୨୦୦୫ର ଏକ ସଂଶୋଧନ ଘୋଷଣା କରିଛନ୍ତି । ପାଠକମାନଙ୍କର ମନେଥିବ ଯେ, କେନ୍ଦ୍ରୀୟ ସୂଚନା ଅଧିକାର ଆଇନ୍-୨୦୦୫କୁ କାର୍ଯ୍ୟକାରୀ କରିବା ନାଁରେ ଓଡିଶା ସରକାର ଗତ ଅକ୍ଟୋବର ମାସରେ ଯେଉଁ ନିୟମାବଳୀ ଘୋଷଣା କରିଥିଲେ, ସେଥିରେ ମୂଳ ଆଇନ୍‌କୁ ଉଲ୍ଲଂଘନ କଲାଭଳି ତଥା ସାଧାରଣ ନାଗରିକଙ୍କୁ କ୍ଷତି ପହୁଞ୍ଚାଇଲା ଭଳି ବହୁ ନକାରାତ୍ମକ ବ୍ୟବସ୍ଥାମାନ ଥିବାରୁ ରାଜ୍ୟସାରା ବହୁ ସ୍ୱେଚ୍ଛାସେବୀ ସଂଗଠନ ଏହାର ପ୍ରତିବାଦ କରି ରାଜ୍ୟପାଳ, ବାଚସ୍ପତି, ମୁଖ୍ୟମନ୍ତ୍ରୀ, ସୂଚନା ଓ ଲୋକସଂପର୍କ ରାଷ୍ଟ୍ରମନ୍ତ୍ରୀ ଓ ରାଜ୍ୟ ସୂଚନା କମିଶନଙ୍କୁ ସ୍ମାରକପତ୍ର ଦେବାସହ ବିଭିନ୍ନ ବିକ୍ଷୋଭାତ୍ମକ କାର୍ଯ୍ୟମାନ ଚଳାଇ ରଖିଥିଲେ । ଏସବୁ ଚାଲିଥିବା ବେଳେ ରାଜ୍ୟସରକାର ସେହି ନିୟମାବଳୀକୁ ମୂଳ ଆଇନ୍‌ର ଧାରା ୩୦(୨) ମତେ ବିଧାନସଭାରେ ପେଶ୍ କରିଥିଲେ । ବଡ ସୁଖର କଥା, ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଶ୍ରୀ ଶଶୀଭୂଷଣ ବେହେରାଙ୍କ ସମେତ ସରକାରୀ ଦଳର ତେରଜଣ ବିଧାୟକ ଗତ ୩ଏପ୍ରିଲ୍‌ରେ ନିଜନିଜର ସଂଶୋଧନ ପ୍ରସ୍ତାବ ରଖିବା ସହିତ ଲୋକଙ୍କୁ ସୁହାଇବା ଭଳି ତଥା ମୂଳ ଆଇନ୍ ସହ ସଂଗତି ରକ୍ଷା ପାଇଁ ରାଜ୍ୟ ନିୟମାବଳୀରେ ବ୍ୟାପକ ପରିବର୍ତ୍ତନ ଦାବୀ କରିଥିଲେ । ଦୀର୍ଘ ୩ଘଣ୍ଟାର ବିତର୍କ ପରେ ସୂଚନା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦେବାଶିଷ ନାୟକ କେବଳ ଫିସ୍‌ହ୍ରାସ ଏବଂ ଆଉ କେତେକ ମାମୁଲି ପରିବର୍ତ୍ତନ ପାଇଁ ରାଜି ହୋଇଥିଲେ, ଏବଂ ବିଧାୟକମାନଙ୍କ ବାକୀ ମୌଳିକ ସଂଶୋଧନୀ ପ୍ରସ୍ତାବଗୁଡିକ ବାଚନିକ ଭୋଟ୍ ରେ କାଟ ଖାଇଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ, ବିରୋଧୀ ଦଳମାନେ ଅନ୍ୟ କାରଣରୁ ବିଧାନସଭା ବର୍ଜନ କରିଥିବାରୁ ସେଦିନ ବିତର୍କରେ ଭାଗ ନେଇପାରି ନଥିଲେ । ଯାହାହେଉ, ଏବେ ଫିସ୍‌ହ୍ରାସ ଭଳି ଯାହା ଯେତିକି ସଂଶୋଧନ ପ୍ରକାଶ ପାଇଛି, ତାହା ଯେ ସିଭିଲ୍ ସୋସାଇଟି ସଂଗଠନମାନଙ୍କର ଲଗାତାର ପ୍ରତିବାଦ ଏବଂ ସଂପୃକ୍ତ ବିଧାୟକମାନଙ୍କ ଦୃଢ ଦାବୀ ଫଳରେ ସମ୍ଭବ ହୋଇଛି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

**ନେଣଦେଣର ଏକମାତ୍ର ମାଧ୍ୟମ- ନଗଦ ଅର୍ଥ**

ବର୍ତ୍ତମାନ ଆମେ ବିଚାର କରିବା କଥା, ରାଜ୍ୟ ସୂଚନା ଅଧିକାର ନିୟମାବଳୀରେ ଯେଉଁସବୁ ମୌଳିକ ତ୍ରୁଟି ଥିଲା, ତାହା କେତେଦୂର ବର୍ତ୍ତମାନର ସଂଶୋଧନ ଦ୍ୱାରା ଦୂର ହୋଇପାରିଛି ? ଯଦି ନିରିଖେଇ ଦେଖିବା, ତେବେ ଜାଣିପାରିବା ଯେ, କୌଣସି ମୌଳିକ ତ୍ରୁଟି ଦୂର ହୋଇପାରିନି । ଏବଂ ଯେତେଦିନ ଯାଏ ସେ ତ୍ରୁଟିଗୁଡିକ ସେମିତି ଥିବ, ସେତେଦିନ ଯାଏ ଲୋକଦୃଷ୍ଟିରେ ରାଜ୍ୟ ସୂଚନା ଅଧିକାର ନିୟମାବଳୀ ଏକ ଅଲୋଡା ଓ ଅଥର୍ବ ଦଲିଲ୍ ହୋଇ ରହିଥିବ, ଏବଂ ଅନ୍ୟରାଜ୍ୟମାନଙ୍କରେ ସୂଚନା ଅଧିକାର ଆଇନ୍‌ର ଜୟଯାତ୍ରା ଆଗେଇ ଚାଲିଥିବା ବେଳେ ଓଡିଶାବାସୀ କେବଳ ଦେଖଣାହାରି ହୋଇ ରହିଥିବେ । ଏଠାରେ ଓଡିଶା ନିୟମାବଳୀର ସବୁଠୁଁ ଗୁରୁତର ପ୍ରମାଦଟି କେବଳ ବିଚାରକୁ ନେବା, ତାହା ହେଲା, ସୂଚନା ପ୍ରଦାନ ବାବଦ ଫିସ୍ ଦାଖଲର ପଦ୍ଧତି । ବର୍ତ୍ତମାନର ନିୟମାବଳୀ ଅନୁଯାୟୀ, ଜଣେ ବ୍ୟକ୍ତି ଫର୍ମ-'କ'ରେ ସୂଚନା ପାଇଁ ଆବେଦନ କଲେ, ଜନସୂଚନା ଅଧିକାରୀ ତାଙ୍କୁ ଫର୍ମ- 'ବି'ରେ ଜଣାଇବେ ଯେ, ୧୫ ଦିନ ମଧ୍ୟରେ ଆବେଦିତ ସୂଚନାର ମୂଲ୍ୟବାବଦ ଅମୁକ ପରିମାଣର ଟଙ୍କା ତାଙ୍କ ପାଖରେ 'ନଗଦ ଅର୍ଥ' ଆକାରରେ ଦାଖଲ କରନ୍ତୁ । ଅର୍ଥାତ୍, ମନି ଅର୍ଡର କି ଚେକ୍ ଆକାରରେ ନୁହେଁ । ବର୍ତ୍ତମାନ ପ୍ରଶ୍ନ ହେଉଛି, ଏହି 'ନଗଦ ଅର୍ଥ' ଆବେଦକ କେମିତି ପଇଠ କରିବେ ? ପାଠକେ ଜାଣିଥିବେ ଯେ, ସୂଚନା ଅଧିକାର ଆଇନ୍‌ଟି ଏକ ସର୍ବଭାରତୀୟ ଆଇନ୍, ଅର୍ଥାତ୍ ଏହି ଆଇନ୍ ବଳରେ ଜଣେ କେରଳବାସୀ ମଧ୍ୟ ଓଡିଶାର ଏକ ସର୍ବସାଧାରଣ ଦପ୍ତରକୁ ସୂଚନା ପାଇଁ ଆବେଦନ କରିପାରେ । ଯେତେବେଳେ ସେ କେରଳରେ ଥାଇ ଫର୍ମ 'ବି'ରେ ନୋଟିସ୍ ପାଇବେ 'ନଗଦ ଅର୍ଥ' (ଧରାଯାଉ ୫୦ଟଙ୍କା) ଦାଖଲ କରିବାକୁ, ସେ କ'ଣ କେରଳରୁ ଓଡିଶା ଆସିବେ କେବଳ ଏହି ଟଙ୍କା ଦାଖଲ କରିବାକୁ? ସେହିପରି ମାଲକାନଗିରିର ଜଣେ ବ୍ୟକ୍ତି ଯଦି ଭୁବନେଶ୍ୱରର ଏକ ଦପ୍ତରକୁ ସୂଚନା ପାଇଁ ଆବେଦନ କରିଥାନ୍ତି, ତେବେ ତାଙ୍କୁ କ'ଣ ଖାସ୍ ଆସିବାକୁ ହେବ ଏହି ଟଙ୍କା ଦାଖଲ କରିବାକୁ? ଅଥବା ଅନ୍ୟପକ୍ଷରେ ଭୁବନେଶ୍ୱରର କୌଣସି ବ୍ୟକ୍ତି ଯଦି ମାଲକାନ୍‌ଗିରିର ଏକ ଦପ୍ତରକୁ ଆବେଦନ କରିଥାନ୍ତି, ତେବେ ତାଙ୍କୁ କ'ଣ ଅର୍ଥ ଓ ସମୟ ବ୍ୟୟ କରି ମାଲ୍‌କାନ୍‌ଗିରିକୁ ଯିବାକୁ ପଡିବ କେବଳ 'ନଗଦ ଅର୍ଥ' ଦାଖଲ କରିବାକୁ? ଏହି ପ୍ରଶ୍ନ ଓଡିଶା ସୂଚନା ଅଧିକାର ଅଭିଯାନ ତଥା ଅନ୍ୟାନ୍ୟ ମଞ୍ଚଗୁଡିକ ତରଫରୁ ଉଭୟ ଲେଖୀ ଓ ବକ୍ତବ୍ୟ ମାଧ୍ୟମରେ ରାଜ୍ୟ ସୂଚନା କମିଶନଙ୍କ ଠାରୁ ଆରମ୍ଭ କରି ବହୁ ବରିଷ୍ଠ ପଦାଧିକାରୀଙ୍କୁ ପଚରାଯାଇଛି । କିନ୍ତୁ ବିଡମ୍ବନାର ବିଷୟ, କେହି ଏହାର ଉତ୍ତର ଦେବା ଦୂରର କଥା, ମୁଣ୍ଡକୁ ମଧ୍ୟ ନେଇନାହାନ୍ତି । କେବଳ 'ନଗଦ ଅର୍ଥ' ଜରିଆରେ ଦେୟ ପଇଠ କରିବାର ଏକମାତ୍ର ବ୍ୟବସ୍ଥାକୁ ସ୍ଥାନିତ କରିବା ଫଳରେ, ସମଗ୍ର ରାଜ୍ୟ ନିୟମାବଳୀଟି ଉଦ୍ଭଟ ଓ ଅବାନ୍ତର ହୋଇପଡିଛି, ଯାହାର ଦୃଷ୍ଟାନ୍ତ କେନ୍ଦ୍ର କି ଅନ୍ୟ କୌଣସି ରାଜ୍ୟ ସ୍ତରରେ ଦେଖିବାକୁ ମିଳିବନି ।

**ବାଟମାରଣା ପାଇଁ ରାସ୍ତା ପରିଷ୍କାର**

କେନ୍ଦ୍ର ସରକାର ସୂଚନା ବାବଦ ଦେୟ ପଇଠ ପାଇଁ 'ନଗଦ ଅର୍ଥ' ସହିତ ଚେକ୍ ବ୍ୟବସ୍ଥା ରଖିଛନ୍ତି । କେତେକ ରାଜ୍ୟ ନଗଦ ଅର୍ଥ ବା ଚେକ୍ ବା ମନିଅର୍ଡର ବ୍ୟବସ୍ଥାକୁ ମାଧ୍ୟମ ରୂପେ ରଖିଛନ୍ତି, ଯଦ୍ୱାରା ଜଣେ ବ୍ୟକ୍ତି ଯେତେ ଦୂରରେ ରହି ମଧ୍ୟ ଦେୟ ପଇଠ କରିପାରିବେ ଓ ଆବେଦିତ ସୂଚନା ଯୋଗେ ପାଇ ପାରିବେ । ସମସ୍ତେ ଜାଣିଛନ୍ତି, ମୂଳ ଆଇନ୍ ଅନୁଯାୟୀ ଓଡିଶା ନିୟମାବଳୀରେ ସୂଚନା ପାଇଁ ଜଣେ ନାଗରିକର ଆବେଦନ ବା ତାଙ୍କ ପାଖକୁ ଜନସୂଚନା ଅଧିକାରୀଙ୍କ ଠାରୁ ସୂଚନା ପ୍ରେରଣ ପାଇଁ ଡାକ ବ୍ୟବସ୍ଥାକୁ ସ୍ଥାନିତ କରାଯାଇଛି । ତେଣୁ ଡାକ ଯୋଗେ ଚେକ୍ ବା ମନିଅର୍ଡର ମାଧ୍ୟମରେ ଦେୟ-ପଇଠ ବ୍ୟବସ୍ଥାକୁ ସ୍ଥାନିତ କରିଥିଲେ, ଓଡିଶା ସରକାରଙ୍କର କ'ଣ ଅସୁବିଧା ହୋଇଥାନ୍ତା ? କେବଳ 'ନଗଦ ଅର୍ଥ'କୁ ଦେୟ ପଇଠର ଏକମାତ୍ର ମାଧ୍ୟମ ରଖିବା ଫଳରେ କେବଳ ଯେ ନାଗରିକଙ୍କୁ ସଂପୃକ୍ତ ଦପ୍ତରକୁ ଏହି କାରଣରୁ ଦଉଡିବାକୁ ପଡିବ, ତାହା ନୁହେଁ, ବରଂ ଏହି 'ନଗଦ ଅର୍ଥ' ବାଟହୁଡା ହୋଇ ସରକାରୀ ତହବିଲ୍‌କୁ ଯିବା ପରିବର୍ତ୍ତେ ସଂପୃକ୍ତ କର୍ମଚାରୀଙ୍କ ପକେଟ୍‌କୁ ଚାଲିଯାଇପାରେ । କିନ୍ତୁ ଚେକ୍ କିମ୍ବା

ମନିଅର୍ଡରର ମାଧ୍ୟମରେ ଦେୟ ପଇଠ ହେଲେ ତାହା ଏମିତି ସହଜରେ ବାଟମାରଣା ହୋଇପାରିବ ନାହିଁ । ଚେକ୍ ବା ମନି ଅର୍ଡର ନିଜେ ଗୋଟିଏ ଗୋଟିଏ ପ୍ରମାଣ, ଯାହାକୁ ଜଣେ କର୍ମଚାରୀ ସହଜରେ ହେରାଫେରି କରିପାରିବ ନାହିଁ । ସୁତରାଂ ଯଦି ଆମେ ଚାହୁଁ, ଲୋକଙ୍କୁ ସୁବିଧା ଦେବା ସହିତ ସୂଚନା ଯୋଗାଣ ବାବଦରେ ଲୋକଙ୍କ ଠାରୁ ଆଦାୟ ହେଉଥିବା ସମସ୍ତ ଦେୟ ପୁରାପୁରି ରାଜକୋଷକୁ ଯାଉ, ତେବେ ନଗଦ ଅର୍ଥ ସହିତ ଚେକ୍ ଓ ମନି ଅର୍ଡର୍‌କୁ ଦେୟ ପଇଠରେ ଅତିରିକ୍ତ ମାଧ୍ୟମ ରୂପେ ପ୍ରାଧାନ୍ୟ ଦେବାକୁ ପଡିବ ।

**ମୂଳ ଆଇନ୍‌ର ଉଲ୍ଲଂଘନ**

'ନଗଦ ଅର୍ଥ'କୁ ଦେୟ ପଇଠରେ ଏକମାତ୍ର ମାଧ୍ୟମ ରୂପେ ବ୍ୟବସ୍ଥା ରଖାଯିବା ଫଳରେ ପ୍ରତି ନାଗରିକଙ୍କୁ ଏଥିପାଇଁ ସଂପୃକ୍ତ ଦପ୍ତରକୁ ବ୍ୟକ୍ତିଗତ ଭାବେ ଦଉଡିବାକୁ ବାଧ୍ୟ କରାଯାଉଛି, ଯାହାକି ମୂଳ ଆଇନ୍‌ର ଉଭୟ ଭାବ ଓ ଭାଷାକୁ ଉଲ୍ଲଂଘନ କରୁଛି । ସୂଚନା ଅଧିକାର ଆଇନ୍-୨୦୦୫ର ଧାରା ୪(୧ଏ) ରେ କୁହାଯାଇଛି ଯେ, ପ୍ରତିଜନ କର୍ତ୍ତୃପକ୍ଷ ନିଜ ପାଖରେ ଥିବା ସୂଚନାଗୁଡିକୁ ଏମିତି ସଜେଇ ରଖିବେ ଏବଂ ଯଥାସମ୍ଭବ କମ୍ପ୍ୟୁଟରୀକରଣ କରିବେ, ଯାହା ଫଳରେ ଜଣେ ବ୍ୟକ୍ତି ଦେଶର ଗୋଟିଏ ପ୍ରାନ୍ତରେ ରହି ସୁଦୂରରେ ଅବସ୍ଥିତ ଏକ ଜନକର୍ତ୍ତୃପକ୍ଷଙ୍କ ଠାରୁ ସହଜରେ ନିଜେ ଚାହୁଁଥିବା ସୂଚନା ପାଇପାରିବେ । ହଁ, ଏକଥା ସତ, ଓଡିଶାର ମୂଳ ଓ ସଂଶୋଧିତ ନିୟମାବଳୀରେ ଇମେଲ୍ ଯୋଗେ ସୂଚନା ପାଇଁ ଆବେଦନ କରିବା ଓ ସୂଚନା ପାଇବାର ବ୍ୟବସ୍ଥା ରଖାଯାଇଛି । ଅର୍ଥାତ୍ ଜଣେ ବ୍ୟକ୍ତି ଓଡିଶାର ଯେ କୌଣସି ପ୍ରାନ୍ତରେ ବା ଓଡିଶା ବାହାରେ ରହି ଓଡିଶାର ଏକ ଦପ୍ତରକୁ ଇମେଲ୍ ମାଧ୍ୟମରେ ସୂଚନା ପାଇଁ ଆବେଦନ କରିପାରିବେ ଏବଂ ସେଠାରୁ ଇମେଲ୍ ଯୋଗେ ସୂଚନା ହାସଲ କରିପାରିବେ । ବଢ଼ିଆ କଥା । କିନ୍ତୁ ରାଜ୍ୟ ନିୟମାବଳୀ ଅନୁଯାୟୀ ଜଣେ ଦେୟ ପଇଠ କଲା ପରେ ତାକୁ ସୂଚନା ଦିଆଯିବ । ତେଣୁ ପ୍ରଶ୍ନ ହେଉଛି, ସେ ଦେୟ ପଇଠ କରିବ କେମିତି ? ରାଜ୍ୟ ନିୟମାବଳୀ କହୁଛି, ସେ ଇମେଲ୍ ଯୋଗେ ଯେଉଁଠୁ ଆବେଦନ କରନ୍ତୁ ନା କାହିଁକି, ତାଙ୍କୁ ବ୍ୟକ୍ତିଗତ ଭାବେ ସଂପୃକ୍ତ ଦପ୍ତରରେ ହାଜର ହୋଇ 'ନଗଦ ଅର୍ଥ' ପଇଠ କରିବାକୁ ପଡିବ । ସୁତରାଁ ଇମେଲ୍ ବ୍ୟବସ୍ଥାକୁ ସ୍ଥାନିତ କରିବାର ମର୍ଯ୍ୟାଦା ରହିଲା କେଉଁଠି ?

**ଦୁର୍ନୀତିର ବନ୍ୟା ସୃଷ୍ଟି ହେବ**

ସୁତରାଂ ଲୋକଙ୍କର ସୁବିଧା କରିବାକୁ ହେଲେ, ରାଜ୍ୟର ରାଜକୋଷକୁ ସମୃଦ୍ଧ କରିବାକୁ ହେଲେ ତଥା ମୂଳ ଆଇନ୍ ସହ ସଂଗତି ଆଣିବାକୁ ହେଲେ, ଓଡିଶା ନିୟମାବଳୀର ନିୟମ ୪(୨) ସହିତ ଫର୍ମ- 'ବି' ତଥା ମୂଲ୍ୟସୂଚୀରେ ଆବଶ୍ୟକୀୟ ସଂଶୋଧନ ଆଣିବାକୁ ପଡିବ, ଯାହା ଫଳରେ ଜଣେ ଆବେଦକ ନିଜ ସ୍ଥାନରେ ଥାଇ ସଂପୃକ୍ତ ଦପ୍ତରକୁ ଚେକ୍ କିମ୍ବା ମନି ଅର୍ଡର ମାଧ୍ୟମରେ ସୂଚନା ଯୋଗାଣ ବାବଦ ଦେୟ ପଇଠ କରି ପାରିବେ । ଯଦି ଏହା ନକରାଯାଏ, ତେବେ ସାଧାରଣ ଲୋକେ, ଯେଉଁମାନେ ହଜାରରକମ ଜଞ୍ଜାଳ ଭିତରେ ଥାଆନ୍ତି, ସେମାନେ ଅଫିସ୍‌କୁ ଅଯଥାରେ ଦଉଡିବାକୁ ପଡିବ ବୋଲି ଆଶଙ୍କା କରି ଏହି ଆଇନ୍ ଅଧୀନରେ ସୂଚନା ପାଇଁ ଆବେଦନ କରିବାକୁ ନିସ୍ପୃହ ହୋଇପଡିବେ । ଅନ୍ୟପଟରେ ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି, ଯେଉଁମାନଙ୍କର ଧନ୍ଦା ହେଲା ଅନ୍ୟ ଲୋକଙ୍କର କାମ କରିବା ନାଁରେ ବିଭିନ୍ନ ଅଫିସ୍‌କୁ ଦଉଡାଧାପଡା କରିବା ଏବଂ ମଝିରେ ଫାଇଦା ଉଠାଇବା, ସେମାନେହିଁ ସକ୍ରିୟ ହୋଇପଡିବେ ଏବଂ ଅସାଧୁ କର୍ମଚାରୀମାନଙ୍କ ସହ ମିଶି ନିଜ ଭିତରେ 'ରାଧେରାଧେ, ତୋର ଅଧେକୁ ମୋର ଅଧେ' କରିବେ । ଫଳରେ ବିଚରା ନାଗରିକ ଜଣକ ମଝିରେ ଝୁଣି ହୋଇଯିବ । ଏହାର ମୋଟ ପରିଣାମ ଭୟଙ୍କର ହେବ- ଯେଉଁ ଆଇନ୍‌ଟି ଗଢାଯାଇଛି ଦୁର୍ନୀତିର ମୂଳୋତ୍ପାଟନ ପାଇଁ, ତାହାହିଁ ସରକାରୀ ସ୍ତରରେ ସାହାଣମେଲା ଦୁର୍ନୀତିର କାରଣ ବନିଯିବ ।

**ମୁଖ୍ୟମନ୍ତ୍ରୀ ନୀରବ କାହିଁକି ?**

ଓଡିଶା ନିୟମାବଳୀରେ 'ନଗଦ ଅର୍ଥ'ର ପ୍ରମାଦ ବିଷୟରେ କେବଳ ଓଡିଶାର ସିଭିଲ୍ ସୋସାଇଟି ସଂଗଠନମାନେ ନୁହଁନ୍ତି, ବରଂ ଜାତୀୟ ସ୍ତରର ସୂଚନା ଅଧିକାର ଅଭିଯାନର ପ୍ରମୁଖ ନେତୃବୃନ୍ଦ ବିଭିନ୍ନ ସମୟରେ ଓଡିଶା ସରକାରଙ୍କୁ ଜଣାଇ ଆସିଛନ୍ତି । ଉଦାହରଣ ସ୍ୱରୂପ, ମଜଦୁର୍ କିଷାନ୍ ଶକ୍ତି ସଂଗଠନ, ରାଜସ୍ଥାନର ନେତ୍ରୀ ଶ୍ରୀମତୀ ଅରୁଣା ରାୟ ଗତ ୨୩ ଡିସେମ୍ବର ୨୦୦୫ ରେ ଓଡିଶାର ମୁଖ୍ୟମନ୍ତ୍ରୀଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ କରି ଓଡିଶା ନିୟମାବଳୀର ସଂଶୋଧନ ଦାବୀ କରି ଯେଉଁ ସ୍ମାରକ ପତ୍ର ଦେଇଥିଲେ, ତହିଁର ଅନୁଚ୍ଛେଦ (ଆଇ)ରେ କୁହାଯାଇଛି, "ଯଦିଓ ଫର୍ମ-ଏ (ଦରଖାସ୍ତ ଫର୍ମ)ରେ ଥିବା ଏକ ସ୍ତମ୍ଭରେ ଆବେଦକଙ୍କୁ ପଚରାଯାଇଛି- ସେ ଡାକ ଯୋଗେ ସୂଚନା ପାଇବାକୁ ଚାହାଁନ୍ତି କି ?, ଆମେ ଏକଥା ବୁଝିବାକୁ ଅକ୍ଷମ ଯେ, କେବଳ ନଗଦ ଅର୍ଥ ମାଧ୍ୟମରେ ଦେୟ ପଇଠ କରିବାକୁ ତାଙ୍କୁ କାହିଁକି ବାଧ୍ୟ କରାଯାଉଛି ? ଦୂରରେ ଅବସ୍ଥିତ ଏକ ଦପ୍ତରକୁ କେବଳ ଫିସ୍ ପଇଠ ପାଇଁ ଜଣେ ଦଉଡିବା କେତେଦୂର ଯଥାର୍ଥ ?" ଏହି କ୍ଷେତ୍ରରେ ଆଉଜଣେ ବିଶିଷ୍ଟା ମହିଳା ଶ୍ରୀମତୀ ମାଜା ଦାରୁୱାଲା, ନିର୍ଦ୍ଦେଶିକା 'କମନ୍‌ୱେଲଥ୍ ହ୍ୟୁମାନ୍ ରାଇଟସ୍ ଇନିସିଏଟିଭ୍' ନୂଆଦିଲ୍ଲୀ, ରାଜ୍ୟ ନିୟମାବଳୀର ବ୍ୟାପକ ସଂଶୋଧନ ପାଇଁ ପ୍ରମୁଖ ଶାସନ ସଚିବ ଡକ୍ଟର ସୁବାସ ପାଣିଙ୍କୁ ୨୭ ଅକ୍ଟୋବର ୨୦୦୫ରେ ଏକ ପତ୍ର ଲେଖିଥିଲେ, ଯେଉଁଠି କୁହାଯାଇଛି ଯେ, "ଦେୟ ପଇଠ ପାଇଁ କେବଳ ନଗଦ ଅର୍ଥକୁ ଏକମାତ୍ର ମାଧ୍ୟମ ନକରି, ବିଭିନ୍ନ ପ୍ରକାର ମାଧ୍ୟମ ଯଥା- ଡିଡି, ନନ୍-ଜୁଡିସିଆଲ୍ ଷ୍ଟାମ୍ପ, ପୋଷ୍ଟାଲ୍ ଅର୍ଡର୍, ଏବଂ ମନି ଅର୍ଡର ତଥା ଟ୍ରେଜେରି ଚାଲାଣକୁ ସ୍ଥାନ ଦିଆଯାଉ ।" ଶ୍ରୀମତୀ ରାୟଙ୍କ ପ୍ରେସ୍ ବିବୃତ୍ତି ଅନୁଯାୟୀ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ତାଙ୍କ ସ୍ମାରକପତ୍ରର ଉପଯୁକ୍ତ ବିଚାର କରିବା ପାଇଁ । କିନ୍ତୁ ଏହା ଭିତରେ ବହୁ ମାସ ବିତିଗଲାଣି ଏବଂ ରାଜ୍ୟ ସରକାର ମଧ୍ୟ ନିକଟରେ ପୂର୍ବ ନିୟମାବଳୀର ସଂଶୋଧନ କରି ସାରିଲେଣି । ଅଥଚ 'ନଗଦ ଅର୍ଥ'ର ଉଦ୍ଭଟ ବ୍ୟବସ୍ଥା ସମ୍ବନ୍ଧରେ ସରକାର ନୀରବ ! କଥାରେ ଅଛି, ଚେଇଁ ଶୋଇବ ଯିଏଁ, ତାକୁ ଉଠାଇବ କିଏ ? ବର୍ତ୍ତମାନ ପରିସ୍ଥିତିରେ ଜାଣିସିଆଣା ସରକାରଙ୍କୁ ଚେତାଇବା ପାଇଁ ଜନସାଧାରଣଙ୍କୁ ବିକଳ୍ପ ଉପାୟ ବାହାର କରିବାକୁ ପଡିବ ।

Chitta Behera, 4A Jubilee Tower, Choudhury Bazar, Cuttack-9, Mobile: 9861091455, dated 18.6.06
Email: chittabehera1@yahoo.co.in